# ପ୍ରେସ୍ ନିମନ୍ତେ ସୂଚନା

ବିଷୟ : ଓଡିଶା ଉଠା ଜଳସେଚନ ନିଗମର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅହୀନ୍ଦ୍ର କୁମାର ପଟ୍ଟନାୟକଙ୍କ ବିରୋଧରେ ଆଗତ ଶୃଂଖଳାଗତ କାର୍ଯ୍ୟାନୁଷ୍ଠାନର ସାନୀ ତଦନ୍ତ ସଂପର୍କରେ

ଶ୍ରୀ ଅହୀନ୍ଦ୍ର କୁମାର ପଟ୍ଟନାୟକ ଓଡିଶା ଉଠା ଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶକ ଥିବା ସମୟରେ ସରକାରଙ୍କ ଆର୍ଥିକ କଟକଣା ଥିବା ସତ୍ତ୍ୱେ ଏହାର ଅବମାନନା କରି ନିୟମିତ କ୍ୟାଡରରେ ଦୁଇଜଣଙ୍କୁ ସହକାରୀ ଅଭିଲେଖାକାର (ବାଣିଜ୍ୟକ) ପଦବୀରେ ନିଯୁକ୍ତି ଦେଇଥିଲେ । ଏତାଦୃଶ ଅବମାନନା ପାଇଁ ଜଳ ସଂପଦ ବିଭାଗର ଆଦେଶ ସଂ ୧୩୨୪୪ ତା-୦୪-୦୪-୨୦୦୨ ରିଖ ଅନୁଯାୟୀ ତାଙ୍କ ବିରୋଧରେ **O.C.S ( CC&A )** ନିୟମ ୧୯୬୨ ଧାରା ୧୫ ଅନୁସାରେ ଶୃଂଖଳାଗତ କାର୍ଯ୍ୟାନୁଷ୍ଠାନ ଆଗତ କରାଯାଇଛି । ସାଧାରଣ ପ୍ରଶାସନ ବିଭାଗର ବିଭାଗୀୟ ତଦନ୍ତ ଆୟୁକ୍ତ ଏହାର ତଦନ୍ତ କରିଥିଲେ ଏବଂ ଶ୍ରୀ ପଟ୍ଟନାୟକଙ୍କ ବିରୋଧରେ ଆଗତ ହୋଇଥିବା ଅଭିଯୋଗ ସତ୍ୟ ବୋଲି ପ୍ରମାଣିତ କରିଛନ୍ତି । ତଦନ୍ତ ରିପୋର୍ଟ ଏବଂ ସମସ୍ତ ତଥ୍ୟକୁ ଆଧାର କରି ସରକାର ଦଣ୍ଡସ୍ୱରୂପ ଅବସରପ୍ରାପ୍ତ ଶ୍ରୀ ପଟ୍ଟନାୟକଙ୍କ ଅବସର ଭତ୍ତା (ପେନ୍‌ସନ୍) ର ୩୦ ଶତାଂଶ ୫ ବର୍ଷ ନିମନ୍ତେ ପ୍ରତ୍ୟାହାର

କରିନେବାପାଇଁ ସ୍ଥିର କରିଛନ୍ତି । ନିୟମ ଅନୁଯାୟୀ ଓଡିଶା ଲୋକସେବା ଆୟୋଗର ପରାମର୍ଶ ଲୋଡାଯାଇଥିଲା । ଆୟୋଗ ଏଥିରେ କେତୋଟି ଆପତ୍ତି କରିଥିଲେ ଏବଂ ସର୍ବଶେଷରେ ଶ୍ରୀ ପଟ୍ଟନାୟକଙ୍କୁ ଅଭିଯୋଗମୁକ୍ତ କରିବା ନିମନ୍ତେ ସୁପାରିଶ କରିଛନ୍ତି । ଆୟୋଗଙ୍କ ସୁପାରିଶକୁ ଅନୁଧ୍ୟାନ କରାଯାଇଥିଲା ଏବଂ ସରକାର ଆୟୋଗଙ୍କ ସୁପାରିଶକୁ ଗ୍ରହଣ ନ କରିବାକୁ ସିଦ୍ଧାନ୍ତ କରିଛନ୍ତି । ଆୟୋଗଙ୍କ ଦ୍ୱାରା ଉତ୍‌ଥାପିତ ଆପତ୍ତି ଅନୁସାରେ ଏ ବିଷୟରେ ସାନୀ ତଦନ୍ତ କରିବା ନିମନ୍ତେ ସ୍ଥିରୀକୃତ କରାଯାଇଛି ।

ଉପରୋକ୍ତ ପ୍ରସ୍ତାବଟି କ୍ୟାବିନେଟ୍‌ରେ ଉପସ୍ଥାପନା ପାଇଁ ମାନ୍ୟବର ମୁଖ୍ୟ ମନ୍ତ୍ରୀ ଅନୁମୋଦନ କରିଛନ୍ତି ।

*****

# BRIEF FOR THE PRESS

**Sub: De Novo Inquiry in the Disciplinary Proceedings initiated against Shri Ahindra Kumar Pattnaik, Ex-Managing Director, Odisha Lift Irrigation Corporation Ltd (OLIC) (Retired)**

Sri Ahindra Kumar Pattnaik while working as MD, OLIC had appointed two Assistant Accountants (commercial) in regular cadre violating the instruction of Government when austerity measures was in force. For this omission and commission one disciplinary proceeding was initiated against him under Rule-15 of OCS (CC&A) Rules, 1962 vide Memorandum No.13244 dtd.04.04.2002. The matter was enquired into by the CDI, GA Department who has established the charges framed against Sri Pattnaik. Taking into account the Inquiry Report and all material facts, Govt. have decided to withhold 30% of his pension for 5 years as a measure of punishment since Sri Pattnaik has retired from Govt. Service in the meantime. As per Rule while views of OPSC was consulted, the OPSC raised some objections and finally recommended to exonerate Sri Pattnaik from the charges. The above recommendation of the OPSC has been examined by Govt. and after due consideration arrived at a conclusion not to accept the views of OPSC and decided to hold de novo enquiry into the charges as pointed out by the OPSC.

This proposal has been approved by Hon'ble Chief Minister to place it before the cabinet for consideration.